# NATIONAL NEWS BULLETIN (ODIA)
## 10th September - 2026
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଭାରତର ମହାକାଶଯାତ୍ରା 'ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ'କୁ ପ୍ରତିଫଳନ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।

— ପ୍ୟାରିସ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀକୁ ଆଭାସୀ ମାଧ୍ୟମରେ କଲେ ସମ୍ବୋଧନ ।

- ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାପାଇଁ ଭାରତ ଗସ୍ତରେ ଆସିବେ ଚୀନ୍ ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍ ।

- ପ୍ରସ୍ତାବିତ କ୍ଷୁଦ୍ର ଜଳବିଦ୍ୟୁତ୍ ବିକାଶ ଯୋଜନା ଅଧୀନରେ ୧୫ ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖିଛନ୍ତି ସରକାର ।

- କନିଷ୍ଠ ହକି ଏସିଆ କପ୍ ପ୍ରତିଯୋଗିତାରେ ପାକିସ୍ତାନକୁ ୧୯-୦ ବୃହତ୍ ଗୋଲ୍ ବ୍ୟବଧାନରେ ପରାସ୍ତ କଲା ଭାରତ ।

ଏବଂ

- ଏସୀୟ କପ୍ ଟି-ଟ୍ୱେଣ୍ଟି ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଆଉ କିଛି ସମୟ ପରେ ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ସେମିଫାଇନାଲ୍ ମ୍ୟାଚ୍ ।

## ପି.ଏମ୍. - ସ୍ପେସ୍ ସମ୍ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଅନ୍ତର୍ଜାତୀୟ ଆଇନ, ମତ ବିନିମୟ ଏବଂ ବହୁପକ୍ଷୀୟ ସହଯୋଗ ମାଧ୍ୟମରେ ଭାରତ ଏକ ନିରାପଦ, ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥାନୀୟ ମହାକାଶ କ୍ଷେତ୍ରକୁ ସମର୍ଥନ ପ୍ରଦାନ କରିଥାଏ । ପ୍ୟାରିସରେ ଆୟୋଜିତ ଅନ୍ତର୍ଜାତୀୟ ମହାକାଶ ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ମୋଦି 'ବସୁଧୈବ କୁଟୁମ୍ବକମ୍' ଦୃଷ୍ଟିକୋଣ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ବୈଜ୍ଞାନିତ ତଥ୍ୟ' ଜନସାଧାରଣଙ୍କ ହିତପାଇଁ ଉପଯୋଗ ହେବା ଉଚିତ । ଭାରତର ମହାକାଶ ଯାତ୍ରା "ଏକ ପୃଥିବୀ, ଏକ ପରିବାର ଏବଂ ଏକ ଭବିଷ୍ୟତ"କୁ ପ୍ରତିଫଳନ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଇସ୍ରୋର ପ୍ରଭାବଶାଳୀ ମିଶନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୩୪ଟି ଦେଶର ୪ ଶହରୁ ଉର୍ଦ୍ଧ୍ୱ ଉପଗ୍ରହ ଭାରତର ରକେଟ ମାଧ୍ୟମରେ ମହାକାଶକୁ ଯାତ୍ରା କରିଛନ୍ତି । ଏଭଳି ଅନ୍ତର୍ଜାତୀୟ ସ୍ତରୀୟ ବିଶ୍ୱାସ ପଛରେ ଭାରତୀୟ

ବୈଜ୍ଞାନିକ, ଇଞ୍ଜିନିୟର୍ ଏବଂ ଟେକ୍ନସିଆନ୍‌ଙ୍କର ସମର୍ପଣ ଓ କଠିନ ପରିଶ୍ରମ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତର ମହାକାଶଯାତ୍ରାର ସଫଳତା ଉପରେ ସୂଚନା ପ୍ରଦାନ କରିଛନ୍ତି । ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ-ଏଲ୍.-୧ ମିଶନର ସଫଳତା ଉପରେ ଆଲୋକପାତ କରିବା ସହ ଶ୍ରୀ ମୋଦି ୨୦୩୫ ସୁଦ୍ଧା ଭାରତୀୟ ମହାକାଶ ଷ୍ଟେସନ୍ ପ୍ରତିଷ୍ଠା ଏବଂ ୨୦୪୦ ସୁଦ୍ଧା ଜଣେ ଭାରତୀୟଙ୍କୁ ମହାକାଶକୁ ପଠାଇବା ଧାର୍ଯ୍ୟ ଲକ୍ଷ୍ୟ ଉପରେ ସୂଚନା ଦେଇଛନ୍ତି ।

## ଷି - ଦିଲ୍ଲୀ ବ୍ରିକ୍ସ

ନୂଆଦିଲ୍ଲୀରେ ଆସନ୍ତା ୧୨ ଓ ୧୩ ତାରିଖରେ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗ ଦେବାପାଇଁ  ଚୀନ ରାଷ୍ଟ୍ରପତି ଷି ଜିନ୍‌ପିଙ୍ଗ୍ ଭାରତ ଗସ୍ତରେ ଆସୁଛନ୍ତି । ଚୀନ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଏହି ଗସ୍ତରେ ଆସୁଛନ୍ତି । ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି, ପଶ୍ଚିମ ଏସିଆ ଏବଂ ରୁଷ୍-ୟୁକ୍ରେନ୍ ସଂଘର୍ଷ ପରିପ୍ରେକ୍ଷୀରେ କୂଟନୈତିକ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ବ୍ରିକ୍ସ ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ

ବୋଲି ଆଶା କରାଯାଉଛି । ୭ ବର୍ଷ ପରେ ଚୀନ୍ ରାଷ୍ଟ୍ରପତି ଭାରତ ଗସ୍ତରେ ଆସୁଛନ୍ତି । ଶ୍ରୀ ଜିନ୍‌ପିଙ୍ଗ୍‌ଙ୍କ ଗସ୍ତ ପୂର୍ବରୁ ଗତ ମାସରେ ବେଜିଂଠାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଏଥିରେ ସୀମା ପ୍ରସଙ୍ଗ ସହ ସେଠାରେ ଶାନ୍ତି ବଜାୟ ରଖିବା ଏବଂ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଣିବା ଆଧାରିତ ବିଭିନ୍ନ ବିଷୟ ଅନ୍ତର୍ଭୁକ୍ତ ଥିଲା ।

'ମାନବତା ପ୍ରଥମ' ଚିନ୍ତାଧାରା ଆଧାରିତ ଲୋକକୈନ୍ଦ୍ରିକ ଆଭିମୁଖ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଥିବା ଭିତ୍ତିଭୂମି, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ ପ୍ରସଙ୍ଗ ଆଧାରରେ ଭାରତ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ ।

ଭାରତ ସମେତ ବ୍ରାଜିଲ୍, ରୁଷ୍, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀର ସଦସ୍ୟ ଅଛନ୍ତି । ୨୦୨୪ରେ ଏହାକୁ ଅଧିକ ବ୍ୟାପକ କରାଯାଇ ଇଜିପ୍ଟ, ଇଥିଓପିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍‌ସ୍ ଏବଂ ସାଉଦି ଆରବକୁ ସାମିଲ୍ କରାଯାଇଥିବା ବେଳେ ୨୦୨୫ରେ ଇଣ୍ଡୋନେସିଆ ଅନ୍ୟତମ ଅଂଶୀଦାର ଭାବେ ଯୋଗଦେଇଛି । ଗତବର୍ଷ ବ୍ରିକ୍ସ ବୈଠକରେ ବେଲାରୁଷ୍, ବଲିଭିଆ, କାଜାଖସ୍ତାନ, କ୍ୟୁବା, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ତାନ ଏବଂ ଭିଏତ୍‌ନାମ ସହଯୋଗୀ ଦେଶ ଭାବେ ସାମିଲ୍ ହୋଇଥିଲେ ।

## ରାଷ୍ଟ୍ରପତି ଭବନ - କ୍ଲୋଜ୍ଡ୍

ବ୍ରିକ୍ସ ବୈଠକ ପରିପ୍ରେକ୍ଷୀରେ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କପାଇଁ ରାଷ୍ଟ୍ରପତି ଭବନ, ରାଷ୍ଟ୍ରପତି ଭବନ ସଂଗ୍ରହାଳୟ ଏବଂ ଅମୃତ ଉଦ୍ୟାନ ବନ୍ଦ ରହିବ । ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଶନିବାର ଦିନ ରାଷ୍ଟ୍ରପତି ଭବନ ଫୋର୍‌କୋର୍ଟରେ ଗାର୍ଡ୍ ପରିବର୍ତ୍ତନ ସମାରୋହ ଅନୁଷ୍ଠିତ ହେବ ନାହିଁ ।

ଦିଲ୍ଲୀ ପୁଲିସ ପକ୍ଷରୁ ସମ୍ମିଳନୀକୁ ଦୃଷ୍ଟିରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ନୂଆଦିଲ୍ଲୀରେ ଆଜିଠାରୁ ଡ୍ରୋନ୍ ଏବଂ ଅନ୍ୟାନ୍ୟ ଆକାଶପଥଚାଳିତ କ୍ଷୁଦ୍ର ଯାନ ଉଡାଣ ଉପରେ ନିଷେଧାଦେଶ ଜାରି କରାଯାଇଛି । ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶ ବଳବତ୍ତର ରହିବ ।

## ଜିତେନ୍ଦ୍ର ସିଂହ - ଇ.ଏସ୍.ଟି.ଆଇ.ସି.

ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସରକାର ସମାବେଶୀମୂଳକ ପଦକ୍ଷେପକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ନୂଆଦିଲ୍ଲୀରେ ଆଜି ଆଧୁନିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ

ସମାବେଶ-୨୦୨୬ର ଅବ୍ୟବହିତ ପୂର୍ବରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହା କହିଛନ୍ତି । ଦେଶର ଷ୍ଟାର୍ଟଅପ୍, ବୈଜ୍ଞାନିକ, ଶିଳ୍ପୋଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକଙ୍କୁ ଏକାଠି କରିବାରେ ଏହି ସମାବେଶ ଏକ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି । ଗବେଷଣାର ନିର୍ଯ୍ୟାସ ନିରନ୍ତର ତଥା ବାଣିଜ୍ୟିକ କ୍ଷେତ୍ରରେ ଉପଯୋଗ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ସମାବେଶ ଆସନ୍ତା ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ହେବ ।

## ପ୍ରେଜ - ରହିମ୍ ଆଗା ଖାଁ

ଇସ୍‌ମାଇଲ୍ ମୁସ୍‌ଲିମ୍ ସମ୍ପ୍ରଦାୟର ଇମାମ୍ ପ୍ରିନ୍ସ ରହିମ୍ ଆଗା ଖାଁ-ପଞ୍ଚମ ନୂଆଦିଲ୍ଲୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି ।

ରାଷ୍ଟ୍ରପତି ଭବନରେ ସାକ୍ଷାତ୍ ଆଲେଚାନା ପରେ ରାଷ୍ଟପତି ମୁର୍ମୁ ଆଗା ଖାଁ ବିକାଶ ନେଟ୍‌ୱର୍କଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଛନ୍ତି । ସରକାରଙ୍କ ସହ ସହଭାଗିତାରେ ଜାରି

ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଶୈଳୀରେ ଆଣିଥିବା ପରିବର୍ତ୍ତନ ଉପରେ ଆଲୋଚନା କାଳରେ ରାଷ୍ଟ୍ରପତି ବର୍ଣ୍ଣନା କରିଛନ୍ତି ।

ବୈଠକ ପରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଭୟଙ୍କ ମଧ୍ୟରେ ହୋଇଥିବା ଆଲେଚାନା ଉପରେ ସୂଚନା ପ୍ରଦାନ କରିଛନ୍ତି । କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ ଆଗା ଖାଁ ବିକାଶ ନେଟ୍‌ୱର୍କ ଏବଂ ସରକାରଙ୍କ ସହଭାଗିତାସମ୍ପନ୍ନ କାର୍ଯ୍ୟକଳାପ ଉପରେ ମତ ବିନିମୟ ହୋଇଥିବା ଉପରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ସ୍ୱାସ୍ଥ୍ୟସେବା, କୃଷି, ଗ୍ରାମୀଣ ବିକାଶ, ଯୁବବର୍ଗ ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ ସରକାର ଏବଂ ଆଗା ଖାଁ ବିକାଶ ନେଟ୍‌ୱାର୍କ ମଧ୍ୟରେ ସହଭାଗିତାକୁ ଅଧିକ ମଜବୁତ୍ କରିବା ନେଇ ଆଲୋଚନା ହୋଇଛି ।

ଭାରତ ଗସ୍ତରେ ଆସି ବିଶିଷ୍ଟ ଜନହିତୈଷୀ ତଥା ସମାଜ ସେବା ଇମାମ୍ ପ୍ରିନ୍ସ ରହିମ ଆଗା ଖାଁ-ପଞ୍ଚମ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଉପରାଷ୍ଟ୍ରପତିଙ୍କ ନିମନ୍ତ୍ରଣକ୍ରମେ ଆସିଥିବା ପ୍ରିନ୍ସ ଆଗା ଖାଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଭାରତରେ ଅବସ୍ଥାନ କରିବେ ବୋଲି ଜଣାପଡ଼ିଛି ।

# ନାଏକ - ଭାରତ ରେନୁଏବୁଲ୍ ଏକ୍ସପୋ

ଚଳିତ ଆର୍ଥିକ ବର୍ଷରେ ଆସନ୍ତା ୨୦୩୦-୩୧ ଅବଧି ମଧ୍ୟରେ ପ୍ରସ୍ତାବିତ କ୍ଷୁଦ୍ର ଜଳବିଦ୍ୟୁତ୍ ବିକାଶ ଯୋଜନା ଅଧୀନରେ ୨ ହଜାର ୫୮୪ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ ରଖାଯାଇଛି । ଏହି ସମୟସୀମା ମଧ୍ୟରେ ୧୫ ଶହ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି ବୋଲି ନୂତନ ଓ ନବୀକରଣୀୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ କହିଛନ୍ତି । ଆଗାମୀ ଭାରତ ନବୀକରଣୀୟ ସମ୍ମିଳନୀ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଶ୍ରୀ ନାଏକ ଏହା କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସ୍ୱଚ୍ଛଶକ୍ତି କ୍ଷେତ୍ର ତ୍ୱରାନ୍ୱିତ ହୋଇଛି । ଦୁର୍ଗମ ତଥା ପରିବେଶ ଆହ୍ୱାନ ଆଧାରିତ ଅଞ୍ଚଳଗୁଡ଼ିକରେ ନିରନ୍ତର ଶକ୍ତି ବିକଳ୍ପ ବ୍ୟବସ୍ଥା ଲକ୍ଷ୍ୟ ନେଇ ଦେଶବ୍ୟାପୀ କ୍ଷୁଦ୍ର ଜଳବିଦ୍ୟୁତ୍ ବିକାଶ ଯୋଜନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି । ଆଧୁନିକ ବୈଜ୍ଞାନିକ ପଦ୍ଧତି ଏବଂ ଉପକରଣ ବ୍ୟବହାର ମାଧ୍ୟମରେ କ୍ଷୁଦ୍ର ଜଳସମ୍ପଦଗୁଡ଼ିକର ମ୍ୟାପିଂ ତଥା ପୁନଃ ମୂଲ୍ୟାୟନ ଉପରେ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ପରାମର୍ଶ ଦେଇଛନ୍ତି । ଭାରତ ନବୀକରଣୀୟ ସମ୍ମିଳନୀ ଓ ପ୍ରଦର୍ଶନୀ ଆସନ୍ତା ନଭେମ୍ବର ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବ ।

# ଭୁପେନ୍ଦର ଯାଦବ - ୱାର୍କସପ୍

ଦେଶରେ ଜଙ୍ଗଲ ମୂଲ୍ୟାଙ୍କନପାଇଁ ସ୍ୱଦେଶୀ ଦକ୍ଷତାକୁ ଅଧିକ ସୁଦୃଢ଼ କରାଯିବା ସହ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଉପରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଆଜି 'ଜଙ୍ଗଲ ଏବଂ ବୃକ୍ଷସମ୍ପଦ ମୂଲ୍ୟାଙ୍କନରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ' ଶୀର୍ଷକ ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ଯାଦବ ଏହା କହିଛନ୍ତି । ସେ କହିଛନ୍ତି, ସହାବସ୍ଥାନପାଇଁ ମଣିଷ ପ୍ରକୃତିକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ପ୍ରାକୃତିକ ସମ୍ପଦ ଆଧାରିତ ତଥ୍ୟକୁ ଗୁରୁତ୍ୱ ଦେଇ ନିଷ୍ପତ୍ତି ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜୈବ ବିବିଧତାର ସଂରକ୍ଷଣ, ପରିବେଶ ସନ୍ତୁଳନ ବଜାୟ ରଖିବାରେ ଆର୍ଦ୍ରଭୂମିର ଗୁରୁତ୍ୱ ଉପରେ ମନ୍ତ୍ରୀ ଶ୍ରୀ ଯାଦବ ଆଲୋକପାତ କରିଛନ୍ତି । ଏଥିପାଇଁ ଆର୍ଦ୍ରଭୂମି ଇକୋସିଷ୍ଟମ୍‌କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଏହି କର୍ମଶାଳାରେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀ, ଗବେଷଣା ପ୍ରତିଷ୍ଠାନ, ବିଶେଷଜ୍ଞ ଓ ବୈଜ୍ଞାନିକ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରସଙ୍ଗ ଆଧାରିତ ୩ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

# ଜୁନିୟର୍ ହକି ଏସିଆ କପ୍

କନିଷ୍ଠ ହକି ଏସୀୟ କପ୍ ପ୍ରତିଯୋଗିତାର ମହିଳାବର୍ଗ ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତ ଉନ୍ନୀତ ହୋଇଛି । ଚୀନ୍‌ର ମୋକିଠାରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ୧୯-୦ ଗୋଲ୍‌ରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛି । ମ୍ୟାଚ୍‌ଟି ସମ୍ପୂର୍ଣ୍ଣଭାବେ ଭାରତୀୟ ଖେଳାଳିଙ୍କ ଅକ୍ତିଆରରେ ରହିଥିଲା । ପ୍ରତିଯୋଗିତାରେ ଏହା ହେଉଛି ସର୍ବାଧିକ ବ୍ୟବଧାନଯୁକ୍ତ ବିଜୟ । ୧୯ଟି ଗୋଲ୍ ମଧ୍ୟରେ ୧୮ଟି ପେନାଲ୍‌ଟି କର୍ଣ୍ଣର ଏବଂ ଗୋଟିଏ ପେନାଲ୍‌ଟି ଷ୍ଟ୍ରୋକ୍ ରହିଛି । ପାକିସ୍ତାନ ପେନାଲ୍‌ଟି କର୍ଣ୍ଣର୍ କିମ୍ବା ପୋନାଲ୍‌ଟି ଷ୍ଟ୍ରୋକ୍‌ର ଫାଇଦା ଉଠାଇପାରି ନାହିଁ । ଭାରତର ପୂଜା ମଲିକ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି । ଶନିବାର ଦିନ ସେମିଫାଇନାଲ୍ ପର୍ଯ୍ୟାୟରେ ଭାରତ କୋରିଆ ଓ ମାଲେସିଆ ମ୍ୟାଚ୍‌ର ବିଜେତାଙ୍କୁ ଭେଟିବ । ପୂର୍ବରୁ ପୁରୁଷ ବର୍ଗରେ ଭାରତ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିସାରିଛି ।

# ଏସିଆ କପ୍

ଏସିଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାର ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଦୁବାଇଠାରେ ଅନୁଷ୍ଠିତ ହେବାକୁ ଥିବା

ଏହି ମ୍ୟାଚ୍‌ରେ ଭାରତ ଏବଂ ବାଂଲାଦେଶ ପରସ୍ପରକୁ ଭେଟିବେ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଏପର୍ଯ୍ୟନ୍ତ ଭାରତ' ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଅପରାଜେୟ ଦଳ ଭାବେ ସେମିଫାଇନାଲରେ ପହଞ୍ଚିଛି । ଗ୍ରୁପ୍ ପର୍ଯ୍ୟାୟରେ ଭାରତ' ଥାଇଲାଣ୍ଡ, ହଂକଂ ଏବଂ ପାକିସ୍ତାନକୁ ପରାସ୍ତ କରିଛି । ଭାରତ-ବାଂଲାଦେଶ ମଧ୍ୟରେ ଟି-୨୦ ମ୍ୟାଚ୍‌ର ସମୀକ୍ଷା କଲେ ଜଣାପଡେ ୨୪ଟିରୁ ଭାରତ' ୨୧ଟିରେ ବିଜୟ ହାସଲ କରିଛି । ଦୁଇଦେଶ ମଧ୍ୟରେ ଖେଳାଯାଇଥିବା ଶେଷ ୮ଟି ମ୍ୟାଚ୍ ମଧ୍ୟରେ ଭାରତ ଅପରାଜିତ ରହିଛି ।

ଆସନ୍ତାକାଲି ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ।

*****